# ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

Email Id: Sambalpurm.hud@nic.in
Phone No. 0663-2411012


ପତ୍ର. ୯୬୮୦ ............ ତା ୧୮.୧୦.୨୦୨୪ ............

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ ସମ୍ବଲପୁରମହାନଗର ନିଗମ ଅନ୍ତର୍ଗତ ଯାନବାହାନ ରହଣି ସ୍ଥାନର ଟେଣ୍ଡର ମାଧମରେ ନିଲାମ କରିବା ସକାଶେ ନିମ୍ନ କାର୍ଯ୍ୟସୂଚୀ ମତେ ଟେଣ୍ଡର କରାଯାଉଅଛି । ଏହି ନିଲାମ ୦୧.୧୧.୨୦୨୪ ରୁ ୩୧.୧୦.୨୦୨୫ ପାଇଁ ଉଦିଷ୍ଟ ଅଟେ ।

୧. ଟେଣ୍ଡର ନୋଟିସର ସବିଶେଷ ତଥ୍ୟ ୱେବ ସାଇଟରେ (www.smcsambalpur.nic.in) ଉପଲବ୍ଧ ଅଛି । ଇଛୁକ ବ୍ୟକ୍ତି ପ୍ରଦତ୍ତ ୱେବ ସାଇଟ ମାଧମରୁ ଆବେଦନ ଫର୍ମ,ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

୨. <u>ଅବେଦନକାରୀ ଟେଣ୍ଡରଫର୍ମ ସହିତ ନିମ୍ନଲିଖିତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ଟେଣ୍ଡର ସହିତ ସଂଲଗ୍ନ କରିବେ ।</u>

(କ)ସାରଣୀ ପ୍ରଦତ୍ତ ଟେଣ୍ଡର ଅମାନତ ରାଶି ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ (Commissioner, SambalpurMunicipalCorporation) ସମ୍ବଲପୁରଙ୍କ ନାମରେ ଡ୍ରାଫ୍ଟ ମାଧମରେ ପ୍ରଦାନ କରିବେ ।

(ଖ) ସାରଣୀରେ ପ୍ରଦତ୍ତ ଟେଣ୍ଡର ଫର୍ମ ବିକ୍ରୟ ମୂଲ୍ୟ ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ (Commissioner, SambalpurMunicipalCorporation) ସମ୍ବଲପୁରଙ୍କ ନାମରେ ଅନ୍ୟ ଏକ ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ପ୍ରଦାନ କରିବେ ।

୩. <u>ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଟେଣ୍ଡର ପକ୍ରିୟା ସମ୍ପାଦନ କରାଯିବ</u> ।

<u>ଟେଣ୍ଡର ଫର୍ମ ୱେବ ସାଇଟ</u>

ତା.୧୮ .୧୦ .୨୦୨୪ ରିଖ ଠାରୁ ତା ୨୮ .୧୦ .୨୦୨୪ ରିଖ ଅପରାହ୍ନ ଘ ୫ .୩୦ ମି ପର୍ଯନ୍ତ ଉପଲବ୍ଧ ଅଛି । ଟେଣ୍ଡର ଫର୍ମ/ କୋରିୟର/ ସ୍ପିଡ ପୋଷ୍ଟ ଯୋଗେ ଦାଖଲ କରାଯିବ ।

ଟେଣ୍ଡର ଫର୍ମ ଖୋଲାଯିବା ସମୟ –୨୯ .୧୦.୨୦୨୪ ପୂର୍ବାହ୍ନ ୧୧.୩୦ ମି

୪. ଇଛୁକ ନୀଲମଧାରୀ ଦ୍ୱାରା ନିମ୍ନ ଲିଖିତ କାଗଜାତ ଟେଣ୍ଡର ଫର୍ମ ସହିତ ଜଉମୁଦ ଲଫାପା ଡାକ ଯୋଗେ, ସ୍ପିଡ ପୋଷ୍ଟ,କୋରିୟର ଜରିଆରେ ଆସିଥିବା ଟେଣ୍ଡର ଗୁଡିକ ତା.୨୮.୧୦.୨୦୨୪ ଅପରାହ୍ନ ଘ ୫.୩୦ମି ମଧରେ ଗ୍ରହଣ କରାଯିବ । ପ୍ରକାଶ ଥାଉକି ନିର୍ଦ୍ଧାରିତ ସମୟ ଅତିବାହିତ ପରେ କୌଣସି ଫର୍ମ ଗ୍ରହଣ କରାଯିବ ନାହିଁ ।କୌଣସି ଡାକ ଜନିତ ବିଳମ୍ବ ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୫. <u>ଇଛୁକ ବ୍ୟକ୍ତି ନିମ୍ନଲିଖିତ କାଗଜାତ ଟେଣ୍ଡର ଫର୍ମ ସହିତ ଦାଖଲ କରିବେ ।</u>

(କ) ପ୍ୟାନକାର୍ଡର ନକଲ
(ଖ) ଜିଏସଟି ନମ୍ବର ନକଲ
(ଗ) ଆଧାର କାର୍ଡର ନକଲ
(ଘ) ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ (Original)
(ଠ) ଟେଣ୍ଡର ଫର୍ମ ମୂଲ୍ୟର ବ୍ୟାଙ୍କ ଡ୍ରାଫ୍ଟ (Original)
(ଚ) ପାସପୋର୍ଟ ଫୋଟୋ (Self-Attested)

<u>ନିମ୍ନକ୍ତ ସର୍ତାବଳୀ ଅନୁଯାୟୀ ଚୂଡାନ୍ତ କରାଯିବ ।</u>

୧. ଯେଉଁ ବ୍ୟକ୍ତିଙ୍କ ନାମରେ ମହାନଗର ନିଗମର କୌଣସି ଦେୟ ବକେୟା ଥାଏ, ତେବେ ସେମାନେ ଏହି ନିଲାମରେ ଅଂଶ ଗ୍ରହଣ କରି ପାରିବେ ନାହିଁ । ଯଦି କୌଣସି ବକେୟା ଥାଏ ଅଂଶ ଗ୍ରହଣ କରନ୍ତି, ତାହେଲେ ତାଙ୍କର ଟେଣ୍ଡର ଫର୍ମକୁ ରଦ୍ଦ ବିବେଚନା କରାଯିବ ।

୨. ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଧାରୀ ମାମଲା ବିଚାରାଧିନ ନାହି କିମ୍ବା ସେ କୌଣସି ମାମଲାରେ ସଂଶ୍ଳିଷ୍ଟ ଥାଇ କାରାବରଣ କରିନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ ।

୩. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେ ସଙ୍ଗେ ସଙ୍ଗେ ଟେଣ୍ଡର ଟଙ୍କାର 60% ଦାଖଲ କରି ରସିଦ ହାସଲ କରିବେ ଓ ୪୦% ଟଙ୍କା ୨ ମାସ ଭିତରେ ଦାଖଲ କରିବେ । ତାହା ନ ହେଲେ ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡର ରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ ।

୪. ଯଦି ସର୍ବୋଚ ଟେଣ୍ଡର ସନ୍ତୋଷଜନକ ନ ହୁଏ, ତାହେଲେ କର୍ତ୍ତୃପକ୍ଷ ଇଛା କଲେ ଟେଣ୍ଡର ଚୂଡାନ୍ତ ନକରି ପୁନି ଟେଣ୍ଡର କରିପାରିବେ ।

୫. ଟେଣ୍ଡର ଗ୍ରହିତା ପାର୍କିଂ ଫୀ (ମହାସୁଲ) ନିମ୍ନ ମତେ ଆଦାୟ କରିବେ ।
(କ) ଦୁଇ ଚକିଆ ଯାନ ପ୍ରତି ଦୈନିକ ଟ. ୧୦.୦୦ ଙ୍କା
(ଖ) ତିନି ଚକିଆ ଯାନ ପ୍ରତି ଦୈନିକ ଟ. ୩୦ .୦୦ ଙ୍କା
(ଗ) ଚାରି ଚକିଆ ଯାନ ପ୍ରତି ଦୈନିକ ଟ. ୫୦.୦୦ ଙ୍କା
(ଘ) ମିନି ବସ ଓ ବସ ପ୍ରତି ଦୈନିକ ଟ. ୧୦୦ .୦୦ ଙ୍କା

୬. ଟେଣ୍ଡର ଗ୍ରହୀତା ବଣ ଭୋଜି ପାଇଁ ନିରୂପଣ ସ୍ଥାନ ପିଛା ଅଗ୍ରୀମ ସଂରକ୍ଷଣ (ବୁକିଙ୍ଗ) ବାବଦକୁ ଟ. ୨୦୦ ଙ୍କା ଆଦାୟ କରି ପାରିବେ ।

୭. ଟେଣ୍ଡର ଗ୍ରହୀତା ପାର୍କିଂ ଫୀ ଓ ବଣଭୋଜି ସ୍ଥାନ ପାଇଁ ସଂରକ୍ଷଣ ମୂଲ୍ୟର ତାଲିକା ପ୍ରଦର୍ଶନ କରିବେ ତଥା ନିରୂପଣ ହୋଇଥିବା ପାର୍କିଂ ସ୍ଥାନ ଓ ବଣଭୋଜି ସ୍ଥାନରେ ମଧ ଏହାର ଫଳକ ଲଗେଇବେ ।

୮. ଟେଣ୍ଡର ଗ୍ରହୀତା ଲୋକଙ୍କ ସୁବିଧା ନିମନ୍ତେ ଭୋଜି ସାମଗ୍ରୀ, ଖାଦ୍ୟ ଓ ପାନୀୟ ଯୋଗାଇ ଦେବା ପାଇଁ ବଣ ଭୋଜି ସ୍ଥାନ ନିକଟରେ ସର୍ବାଧିକ ୧୦ ଗୋଟି ଅସ୍ଥାୟୀ ଦୋକାନ ଖୋଲି ପାରିବେ ।

୯. ଟେଣ୍ଡର ଗ୍ରହୀତା ଯାନବାହାନର ଯାତାୟତ ଓ ନିୟନ୍ତ୍ରଣ ନିମନ୍ତେ ତନଖି ଫାଟକ (Check Gate) ଲଗାଇ ପାରିବେ ।

୧୦. ଟେଣ୍ଡର ଗ୍ରହୀତା ବଣ ଭୋଜି ସ୍ଥାନକୁ ସମ୍ପୂର୍ଣ ସ୍ବଚ୍ଛ ଓ ସଫା ସୁତୁରା ତଥା ପ୍ଲାଷ୍ଟିକ ମୁକ୍ତ ରଖିବେ ।

୧୧. ପାର୍କିଂ / ବଣଭୋଜି ସ୍ଥାନ ସକାଳ ଘ ୬ .୦୦ ଟିକା ଠାରୁ ସନ୍ଧ୍ୟା ଘ ୬ .୦୦ ଟିକା ପର୍ଯ୍ୟନ୍ତ ଖୋଲା ରଖିବେ ।

୧୨. ପାର୍କିଂ/ବଣଭୋଜି ସ୍ଥାନ ମହାସୁଲ ଆଦାୟକାରୀ ମାନେ ନିର୍ଦ୍ଦିଷ୍ଟ ସମପୋଷାକ (ୟୁନିଫୋର୍ମ) ପରିଧାନ କରିବା ସହିତ ନିଜର ପରିଚୟ ପତ୍ର ବ୍ୟାଚ ଝୁଲାଇବେ ।

୧୩. ପାର୍କିଂ/ବଣଭୋଜି ସ୍ଥାନ ଟେଣ୍ଡର ଗ୍ରହୀତା ଅନ୍ୟ କୌଣସି ଉଦ୍ଦେଶ୍ୟ ରେ ବ୍ୟବହାର କରିପାରିବେ ନାହି ।

୧୪. ଟେଣ୍ଡର ଗ୍ରହୀତା ପାର୍କିଂ/ବଣଭୋଜି ସ୍ଥାନରେ ରହୁଥିବା ଯାନବାହାନ ସୁବ୍ୟବସ୍ଥିତ ଢଙ୍ଗରେ ରଖିବେ ଓ ନିରାପତା ନିମନ୍ତେ ଜଗୁଆଳି ବ୍ୟବସ୍ଥା କରିବେ ।

୧୫. ଧାର୍ଯ୍ୟ ଅମାନତ ଅର୍ଥ ଆୟୁକ୍ତ ସମ୍ବଲପୁର ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ଆବେଦନକାରୀ ନିଜ ନାମରେ ବ୍ୟାଙ୍କରୁ କ୍ରୟ କରିବେ ।

୧୬. ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ଆୟୁକ୍ତ ସମ୍ବଲପୁର ମହାନଗର ନିଗମଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୁଡାନ୍ତ ହେବାର ସାତ ଦିନ ମଧରେ କରିବେ ।

୧୭. କୃତକାର୍ଯ୍ୟ ଟେଣ୍ଡରଧାରୀ ସମୁଦାୟ ସମ୍ପତିର ରାଶି ଏକ କାଳୀନ ତୁରନ୍ତ ଜମା ଦେବେ । ସମସ୍ତ ମାହାଲ ପାଇଁ ନିଜ ଖର୍ଚରେ ମହାନଗର ନିଗମ ସହିତ ଚୁକ୍ତିନାମା ୭ (ସାତ) ଦିନ ମଧରେ ସମ୍ପାଦନ କରିବେ । ଏଥିରେ ଖିଲାପ କାଲେ ଅମାନତ ଟଙ୍କା ବ୍ୟାଯାପ୍ତ କରାଯିବ ।

୧୮. ଯେଉଁ ବ୍ୟକ୍ତି ମାନଙ୍କର ଟେଣ୍ଡର ଗୃହିତ ନହେଲେ ସେମାନଙ୍କୁ ବୀନା ସୁଧରେ ତାଙ୍କ ଅମାନତ ଟଙ୍କା ଫେରସ୍ତ ଦିଆଯିବ ।

୧୯. ମହାନଗର ନିଗମ କର୍ତ୍ତୃପକ୍ଷ କୌଣସି ଟେଣ୍ଡର / ସମସ୍ତ ଟେଣ୍ଡରକୁ ଉପଯୁକ୍ତ ମନେ ନକଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରି ପାରିବେ ।

## ଯାନବାହାନ ରହଣି ଓ ବଣ ଭୋଜୀ ସ୍ଥାନର ନିଲାମ ନୋଟିସ

| କ୍ର. ନମ୍ବର | ସମ୍ପତିର ବିବରଣୀ (Sambalpur) | ନିର୍ଦ୍ଧାରିତ ମୂଲ୍ୟ ୦୧.୧୧ .୨୦୨୪ ରୁ ୩୧.୧୦ .୨୦୨୫ | ଅମାନତ ଟଙ୍କା | ଟେଣ୍ଡର ଫର୍ମର ମୂଲ୍ୟ |
|---|---|---|---|---|
| ୧ | **ହୀରାକୁଦ ବନ୍ଧ ଗାନ୍ଧୀ ମିନାର ନିକଟ ବଣଭୋଜି ସ୍ଥାନ (ଝାଙ୍କରାଣୀ ମନ୍ଦିର ଠାରୁ ଜିରୋ ପଏଣ୍ଟ ପର୍ଯ୍ୟନ୍ତ )** | ୨୧୦୦୦୦୦ /- | ୧୦୫୦୦୦ /- | ୫୦୦୦/- |

ଆୟୁକ୍ତଙ୍କ ଆଦେଶକ୍ରମେ

ସହାୟକ ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

ଜ୍ଞାପକ ସଂଖ୍ୟା ୯୨୮୯ ତା ୧୮. ୧୦. ୨୦୨୪

ଏହାର ଏକକିତା ନକଲ ମହାନଗର ନିଗମ କାର୍ଯ୍ୟାଳୟ ଅଫିସ ନୋଟିସ ବୋର୍ଡ /ଜିଲ୍ଲା ପରିଷଦ କାର୍ଯ୍ୟାଳୟ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ସମ୍ବଲପୁର / ଉପଖଣ୍ଡ ଅଧିକାରୀ ଓ ତହସିଲଦାର, ସମ୍ବଲପୁର ଅଫିସ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରଠାଗଲା।

ସହାୟକ ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

Memo No. 9282 /TAX/SMC. Date 18.10.2024

Copy to MIS, SMC, Sambalpur for information with request to enter in the website for publication of General Public.

Asst.Commissioner
Sambalpur Municipal Corporation
Sambalpur

Phone No. 0663-2411012

Email Id: Sambalpurm.hud@nic.in

# ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

| | | |
|---|---|---|
| ୧. | ଟେଣ୍ଡରଧାରୀଙ୍କ ନାମ<br>ପାସପୋର୍ଟ ସାଇଜ ଫଟୋ (ଗେଜେଟେଡ଼ ଅଫିସରଙ୍କ ସ୍ୱାକ୍ଷର ସହିତ) | :- |
| ୨. | ପିତା / ସ୍ୱାମୀଙ୍କ ନାମ | :- |
| ୩. | ଠିକଣା | :- |
| ୪. | କେଉଁ ସମ୍ପତି ପାଇଁ ଟେଣ୍ଡର ଦାଖଲ କରୁଛନ୍ତି | :- |
| ୫. | ସମ୍ପତିର ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ (ଅପସେଟ ପ୍ରାଇସ) | :- |
| ୬. | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ (ସଂଖ୍ୟା ଓ ଅକ୍ଷରରେ) | :- |
| ୭. | ଅମାନତ ଜମା ଟଙ୍କାର ପରିମାଣ (ରସିଦ, ସଂଖ୍ୟା, ତାରିଖ) | :- |
| ୮. | ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର,ଭୋଟର ପରିଚୟ ପତ୍ର କିମ୍ବା ଆଧାର କାର୍ଡର ନକଲ | :- |
| ୯. | ଟେଣ୍ଡରଦାତାଙ୍କ ମୋବାଇଲ ନମ୍ବର | :- |

ଏତଦଦ୍ୱାରା ମୁଁ / ଆମ୍ଭେ ଘୋଷଣା କରୁଛୁ ଯେ ସମ୍ବଲପୁର ମହାନଗର ନିଗମଙ୍କ ଟେଣ୍ଡର ସର୍ତ୍ତ ଓ ନିୟମାବଳୀ ଅନୁସାରେ ଆମ୍ଭେ ସମ୍ମତି ପ୍ରଦାନ କଲୁ ।

ଟେଣ୍ଡର ଦାତାଙ୍କ ସ୍ୱାକ୍ଷର

ତାରିଖ:-